# ମେଗା ବଦଳରେ ମିନି ଷ୍ଟିଲ୍ ପ୍ଲାଣ୍ଟ

**କେନ୍ଦୁଝର, ୧୦।୭(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ବଡବିଲ ତହସିଲ ଅନ୍ତର୍ଗତ କାରାଖେଣ୍ଡରାଠାରେ ଥିବା ରୁଙ୍ଗ୍‌ଟା ମାଇନ୍ସର ପୂର୍ବରୁ ଅବସ୍ଥିତ ଏକ ସ୍ପଞ୍ଜ ଆଇରନ କାରଖାନାକୁ ଷ୍ଟିଲ୍ ପ୍ଲାଣ୍ଟରେ ପରିଣତ କରିବା ପାଇଁ ଗତ ଦୁଇଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଜିଲାରେ ଏକ ମେଗା ଇସ୍ପାତ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଦୀର୍ଘ ବହୁ ବର୍ଷ ଧରି ବିଭିନ୍ନ ସଂସ୍ଥା ଓ ଦଳ ପକ୍ଷରୁ ଆନ୍ଦୋଳନ ହୋଇ ଆସୁଥିଲା। ଜିଲାର ଖଣିଜ ସମ୍ପଦର ସୁବିନିଯୋଗ ପାଇଁ ମେଗା ଷ୍ଟିଲ୍‌ପ୍ଲାଣ୍ଟର ଆବଶ୍ୟକତା ରହିଥିବାବେଳେ ଏଠାରେ କାରଖାନା ନ କରି ଅନ୍ୟ ଜିଲା ଓ ରାଜ୍ୟରେ ଖଣି ସଂସ୍ଥାଗୁଡ଼ିକ ଇସ୍ପାତ କାରଖାନା କରିଛନ୍ତି। ଧୂଳିଧୂଆଁ ପ୍ରଦୂଷିତ ଛୋଟ ଛୋଟ ସ୍ପଞ୍ଜ କାରଖାନା ସ୍ଥାପନା ହେବା ଫଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିନାହିଁ ବରଂ ପ୍ରଦୂଷଣର ମାତ୍ରା ବଢ଼ିଛି।

ଏ ନେଇ ଆନ୍ଦୋଳନ ପରେ ଜିଲାରେ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୧୦ ମିଲିୟନ ଟନ୍‌ରୁ ଊର୍ଦ୍ଧ୍ୱ ଆର୍ସେଲର ମିତ୍ତଲ, ଉତ୍ତମ ଗାଲ୍‌ଭା ଓ ଷ୍ଟେରଲାଇଟ ସହ ଏମ୍‌ଓୟୁ ଦସ୍ତଖତ କରିଥିଲେ। କିନ୍ତୁ ସେ ସବୁ ସଂସ୍ଥା ମେଗା ଇସ୍ପାତ କାରଖାନା ନ କରି ଫେରିଗଲେ। ଏବେ ମିତ୍ତଲ,ଜେଏସ୍‌ଡବ୍ଲ୍ୟୁ ଭଳି ବଡ଼ ବଡ଼ ସଂସ୍ଥା ଏକାଧିକ ଖଣି ପାଇଥିବାବେଳେ ସେମାନଙ୍କୁ ମେଗା ଷ୍ଟିଲ୍ ପ୍ରୋଜେକ୍ଟ ପ୍ରତିଷ୍ଠା ପାଇଁ କୁହା ନ ଯିବା ଏବଂ ରୁଙ୍ଗ୍‌ଟା ଭଳି କମ୍ପାନୀ ସହିତ ଏମ୍‌ଓୟୁ କରି ଏକ ୩ ମିଲିୟନ ଟନ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଘୋଷଣା କରିବା ମେଗା ଇସ୍ପାତ କାରଖାନା

**ଜିଲାରେ ବଢୁଛି ଅସନ୍ତୋଷ**

ଦାବି ଅପୂରଣୀୟ ହୋଇ ରହିବ।

କେନ୍ଦୁଝର ଜିଲାର ଖଣିଜ ପଦାର୍ଥ ଉତ୍ତୋଳନ କରୁଥିବା ରୁଙ୍ଗ୍‌ଟା ମାଇନ୍ସ ଏହି କାରାଖେଣ୍ଡରାରେ ୭୯୨୦କୋଟି ଟଙ୍କା ବ୍ୟୟରେ ଏକ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବ ଯେଉଁଥିରେ ୫,୨୩୪ ଜଣ ନିଯୁକ୍ତି ପାଇପାରିବେ ବୋଲି କୁହାଯାଉଛି । ମାତ୍ର ଏହି କମ୍ପାନୀ ଢେଙ୍କାନାଳଠାରେ ୧୧ହଜାର କୋଟି ଟଙ୍କାରେ ଏକ ବଡ କାରଖାନା, କେନ୍ଦୁଝର ଜିଲାରୁ ଉନ୍ନତମାନର ଲୁହାପଥର ନେଉଥିବା ଟାଟା କମ୍ପାନୀ ଯାଜପୁରରେ ୪୭,୫୯୯ କୋଟି ଟଙ୍କାରେ ଓ ଏଠାରୁ ଲୁହାପଥର ନେଉଥିବା ଜିନ୍ଦଲ ଅନୁଗୋଳ ଜିଲାରେ ୨୪,୬୫୨କୋଟି ଟଙ୍କା ବ୍ୟୟରେ, ସମ୍ବଲପୁରଠାରେ ଭୂଷଣ ୫୫ହଜାର କୋଟି ଟଙ୍କାର କାରଖାନା କରୁଥବା ଜଣାପଡିଛି। ମାତ୍ର କେନ୍ଦୁଝର ଜିଲା ପାଇଁ ଷ୍ଟିଲ ପ୍ଲାଣ୍ଟ ଘୋଷଣା ଉପହାସ ବୋଲି ଆଲୋଚନା ହେଉଛି। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କୁ ପଚାରିବାରୁ ରୁଙ୍ଗ୍‌ଟା କମ୍ପାନୀ ବର୍ତ୍ତମାନ ଛୋଟ କରି ପ୍ଲାଣ୍ଟ କରୁଛି ପରବର୍ତ୍ତୀ ସମୟରେ ଏହି କମ୍ପାନୀ ବଡ଼ ଆକାରରେ ହେବ। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ମଧ୍ୟ ଛୋଟରୁ ବଡ଼ ହୋଇଛି। ଏହି ସମୟରେ କାରଖାନା ହେବା ଜିଲାବାସୀଙ୍କ ପାଇଁ ଶୁଭସଙ୍କେତ ବୋଲି ସେ କହିଛନ୍ତି। ତେବେ ରୁଙ୍ଗ୍‌ଟା ଭଳି ସଂସ୍ଥା ଦ୍ୱାରା ପ୍ଲାଣ୍ଟ କରାଯିବା କେତେଦୂର ଯୁକ୍ତି ସଙ୍ଗତ ବୋଲି ଜିଲା ପ୍ରେସ୍ କ୍ଲବର ଉପସଭାପତି ପ୍ରଦୀପ ମହାନ୍ତି କହିଛନ୍ତି।

# କଲେଜ ପରିସରରୁ ଗଛ କଟାକୁ ନେଇ ବିବାଦ



କଟାଯାଇଥିବା ଡାଳ।

**ଉଦଳା, ୧୦।୭ (ଡି.ଏନ.ଏ.)**

ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଗଛକୁ କାଟିବାକୁ ଚାଲିଥିଲା ପ୍ରୟାସ। ଗଛର ବଡ଼ ବଡ଼ ଡାଳ କାଟି ଦିଆଯାଇଛି। ଏହାକୁ ନେଇ ଏବେ ବିବାଦ ଦେଖାଦେଇଛି । ମୟୂରଭଞ୍ଜ ଜିଲା ଉଦଳା କଲେଜ ପରିସରରେ ଏକ ବିରାଟକାୟ ଆମ୍ବ ଗଛ ରହିଥିଲା। ଶନିବାର ଅଚାନକ ଗଛର ସମସ୍ତ ଶାଖାକୁ କାଟି ଦିଆଯାଉଥିବା ବେଳେ ଖବର ପାଇ କେତେଜଣ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚିଥିଲେ। ଗଛଟି ବହୁ ପୁରୁଣା ଥିବାରୁ ଉପର ଡାଳ କଟାଯାଉଥିବା କୁହାଯାଇଥିଲା। ତେବେ ଖବର ପାଇ ସ୍ଥାନୀୟ ରେଞ୍ଜର ସେଠାରେ ପହଞ୍ଚିବା ବେଳକୁ ଗଛର ଡାଳଗୁଡ଼ିକ କଟା ସରିଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ କହିଛନ୍ତି, ସେ ଏନେଇ ବନ ବିଭାଗକୁ ଜଣାଇଥିବା କହିଥିବା ବେଳେ ନିର୍ଦ୍ଦିଷ୍ଟ କୌଣସି ଅନୁମତି ମିଳି ନ ଥିବା ଜଣାଯାଇଛି। ଗଛଟି ଅନେକ ବର୍ଷର ପୁରୁଣା ହୋଇଥିବା ବେଳେ ବିନା କୌଣସି କାରଣରେ ଡାଳଗୁଡ଼ିକୁ କାଟି ଦିଆଯାଇଛି। ବିନା ଅନୁମତିରେ ଗଛ କଟାଯିବା ବାବଦରେ ରେଞ୍ଜର ଅରୁଣ ବେହେରାଙ୍କୁ ପଚାରିବାରୁ କେବଳ ଗଛର ଶାଖା କାଟିବାକୁ କଲେଜ ଅଧ୍ୟକ୍ଷ ଅନୁମତି ମାଗିଥିବା କହିଛନ୍ତି।

## ସଂକ୍ଷେପରେ

### ଜଳିଗଲା ଡ୍ରେସ ଦୋକାନ

**ପାଟଣା,୧୦।୭(ସ୍ୱ. ପ୍ର.):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ମୁମ୍ବେଇ କଲିକତା ୪୯ ନମ୍ବର ଜାତୀୟ ରାଜପଥ କଡ଼ ତୁରୁମୁଙ୍ଗା ଝାରବେଡା ଛକରେ ଥିବା ମଣି ଭୂଷଣ ବାରିକଙ୍କ ଏହି ଡ୍ରେସ ଦୋକାନ ରେ ଶୁକ୍ରବାର ବିଳମ୍ବିତ ରାତିରେ ଶଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଡ୍ରେସ ଜଳି ପୋଡ଼ି ନଷ୍ଟ ହୋଇଛି। ଦୋକାନରେ ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପାଟଣା ଅଗ୍ନିଶମ ବାହିନୀ ଦ୍ୱାରା ନିଆଁ ଆୟତ୍ତ ହୋଇଛି।

### ନକଲି ଫେସବୁକ୍ ଆକାଉଣ୍ଟ ଖୋଲି ଜଣେ ଗିରଫ

**ବଡବିଲ, ୧୦।୭(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡବିଲ ଥାନା ଅଞ୍ଚଳର ଜଣେ ଯୁବକ ଓ ଜଣେ ଯୁବତୀଙ୍କ ନାମରେ ନକଲି ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ଅପବ୍ୟବହାର କରିଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦୁଝର ସଦର ଥାନା ପର୍ଜନପୁର ଗ୍ରାମର ଧୀରେନ ମହାନ୍ତ। ଅଭିଯୁକ୍ତ ଜଣଙ୍କ ଆକାଉଣ୍ଟ ଖୋଲିବା ସହ ଅଶ୍ଳୀଳ ଫଟୋ ଓ ମନ୍ତବ୍ୟ ପୋଷ୍ଟ କରିଥିବା ନେଇ ବଡବିଲ ଥାନାରେ ଗତ ମଙ୍ଗଳବାର ଅଭିଯୋଗ ହୋଇଥିଲା। ଏନେଇ ବଡ଼ବିଲ ପୋଲିସ ଏକ ମାମଲା (ନଂ.୧୧୨/୨୦୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା ବୋଲି ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

### ସାପ କାମୁଡ଼ାରେ ଶିଶୁ ମୃତ

**ଢେଙ୍କିକୋଟ, ୧୦।୭(ଡି.ଏନ.ଏ.):** କେନ୍ଦୁଝର ଜିଲା ସାନ୍ତାରାପୁର ପଞ୍ଚାୟତ ଛଡିଆ ଗ୍ରାମରେ ପାହାଡିଆ ଚିତି ସାପ କାମୁଡ଼ାରେ ମହେଶ୍ୱର (୨) ନାମକ ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଦୀନବନ୍ଧୁ ମୁଣ୍ଡାଙ୍କ ପୁଅ। ଗତ ଶୁକ୍ରବାର ରାତିରେ ଖାଇପିଇ ସମସ୍ତେ ଶୋଇଥିବାବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଶିଶୁ ପୁତ୍ରକୁ ଘଟଗାଁ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଛି। ଖବରପାଇ ଢେଙ୍କିକୋଟ ଏଏସଆଇ ଭରତ ଚନ୍ଦ୍ର ନାୟକ ଡାକ୍ତରଖାନାରେ ପହଞ୍ଚି ଶିଶୁପୁତ୍ରର ମୃତଦେହ ଜବତ କରି ଘଟଗାଁ ଥାନାରେ (ନଂ.୩୧/୨୧) ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

### ଘରେ ପଶି ଛେଚା ଖାଇଲେ ଯୁବକ

**ପାଟଣା,୧୦।୭(ସ୍ୱ.ପ୍ର.):** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଭୃଙ୍ଗରାଜପଶି ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଘରେ ମା', ଝିଅ ଏକୁଟିଆ ଶୋଇଥିବା ବେଳେ ଜଣେ ଯୁବକ ଘରେ ପଶି ଯାଇଥିଲେ। ଉଭୟ ମା' ଝିଅ ପାଟି କରିବାରୁ ଘର ଲୋକେ ଓ ଗ୍ରାମବାସୀ ଆସି ଯୁବକଙ୍କୁ କାବୁ କରିଥିଲେ। ପରେ ଯୁବକଙ୍କୁ ଗାଁ ଲୋକେ ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧିବା ସହ ନିର୍ଦ୍ଧୁମ ମାଡ଼ ମାରିଛନ୍ତି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଶନିବାର ସକାଳେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି।

### କୁଡୁମୀ ସେନାର ବୃକ୍ଷରୋପଣ

**ପାଟଣା,୧୦।୭(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ବଲାଣିପଶି ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ଓଡ଼ିଶା କୁଡୁମୀ ସେନା ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ସେନାର ରାଜ୍ୟ ସଭାପତି ଦିବ୍ୟସିଂ ମହାନ୍ତ, ଉପସଭାପତି ମିତ୍ରଭାନୁ ମହାନ୍ତ, କୋଷାଧ୍ୟକ୍ଷ ଲମ୍ବୋଦର ମହାନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ବିହାରୀ ମହାନ୍ତ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତ, ରାଜ୍ୟ ଉପଦେଷ୍ଟା ରତ୍ନାକର ମହାନ୍ତ, କେନ୍ଦୁଝର ଜିଲା ସଭାପତି ତ୍ରିଲୋଚନ ମହାନ୍ତ, ମୟୂରଭଞ୍ଜ ଜିଲା ସଂଯୋଜକ ଡମ୍ବରୁଧର ମହାନ୍ତ, ପାଟଣା ବ୍ଲକ ସାଧାରଣ ସମ୍ପାଦକ ତ୍ରିନାଥ ମହାନ୍ତ, ଉପସଭାପତି ଖଗେଶ୍ୱର ମହାନ୍ତ, ପାଟଣା ବ୍ଲକ ମହିଳା ସଭାନେତ୍ରୀ ରଙ୍ଗଲତା ମହାନ୍ତ, ଉପସଭାନେତ୍ରୀ ଧରିତ୍ରୀ ମହାନ୍ତ ଓ ସମ୍ପାଦକ ହେମଲତା ମହାନ୍ତ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଦୁଃଶାସନ ମହାନ୍ତ ରାଜ୍ୟ ସଂଯୋଜକ, ଓମ ପ୍ରକାଶ ମହାନ୍ତ ସାହରପଡା ବ୍ଲକ ଯୁବ ସଭାପତି, ରତିରଞ୍ଜନ ମହାନ୍ତ ସାହରପଡ଼ା ମିଡ଼ିଆ ସେଲ ପ୍ରମୁଖ, କିଶୋର ମହାନ୍ତ ପାଟଣା ବ୍ଲକ ମିଡ଼ିଆ ସେଲ ପ୍ରମୁଖଭାବେ ନିଯୁକ୍ତ ହୋଇଛନ୍ତି।

# ସୌରଚାଳିତ ନଳକୂପ ଅଚଳ

**କେନ୍ଦୁଝର,୧୦।୭(ଡି.ଏନ୍.ଏ.)**

କେନ୍ଦୁଝର ଜିଲାର ବିଭିନ୍ନ ଗାଁରେ ଲୋକଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇବା ପାଇଁ ସୌରଚାଳିତ ନଳକୂପ ଲଗାଯାଇଥିଲା। ଆରମ୍ଭରେ ସଫଳତାର ସହ ଉକ୍ତ ପମ୍ପ ଚାଲିଥିଲା ଏବଂ ଲୋକମାନେ ମଧ୍ୟ ଉପକୃତ ହେଲେ। ଏହି ନଳକୂପ ଲଗାଇଥିବା ସଂସ୍ଥା ୫ବର୍ଷ ପାଇଁ ମରାମତି କରିବ ବୋଲି ସରକାରଙ୍କ ସହ ବୁଝାମଣା କରିଥିଲା। ପ୍ରତ୍ୟେକ ସ୍ଥାନରେ ଏଥିପାଇଁ ଏକ ଟୋଲ ଫ୍ରି ନମ୍ବର ମଧ୍ୟ ରହିଥିଲା। ନଳକୂପ ଅଚଳ ହେଲେ ଏହି ଟୋଲ ଫ୍ରି ନମ୍ବରରେ ଫୋନ କଲେ ଅଚଳ ନପକୂପ ମରାମତି ହେଉଥିଲା। ମାତ୍ର ୫ବର୍ଷ ପରେ ଟେଣ୍ଡର ପାଉଥିବା ସଂସ୍ଥା ଆଉ ମରାମତି କରୁ ନ ଥିବାରୁ ଅଚଳ ନଳକୂପ ଗୁଡିକ ଖରାପ ହୋଇ ଲୋକଙ୍କ କାମରେ ଲାଗି ପାରୁନାହିଁ।

ଅଭିଯୋଗ କଲେ ପଞ୍ଚାୟତିରାଜ ବିଭାଗ ମଧ୍ୟ ଶୁଣୁନାହାନ୍ତି। କେନ୍ଦୁଝର ଡିଭିଜନ ଏବଂ ଆନନ୍ଦପୁର ଡିଭିଜନରେ ୧୫୦ରୁ ଊର୍ଦ୍ଧ୍ୱ ସୌରଚାଳିତ ନଳକୂପ ଅଚଳ ହୋଇ ଲୋକଙ୍କ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ସରକାର ଯେଉଁ ମହତ



ଓଭର୍‌ହେଡ୍ ପାଣି ଟାଙ୍କି।

ଉଦ୍ଦେଶ୍ୟ ରଖି ସୌର ଶକ୍ତିଚାଳିତ ନଳକୂପ ବିଭିନ୍ନ ଦୁର୍ଗମ ସ୍ଥାନରେ ତାହା ଏବେ ଖରାପ ଥିବା ଲୋକମାନେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଖରା ଦିନରେ ଲୋକମାନେ ପାଣି ପାଇଁ ବହୁ ଦୂର ନଦୀନାଳ ଉପରେ ନିର୍ଭର କରୁଛନ୍ତି। ତେଲକୋଇ ବ୍ଲକ ପୁରୁଯୋଡା ପଞ୍ଚାୟତ ପୁରୁଯୋଡା ପାତ୍ରସାହିରେ ସୌରଚାଳିତ ନଳକୂପ ବର୍ଷେରୁ ଅଧିକ ସମୟ ହେବ ଅଚଳ ଥିବାରୁ ପାଣି ପାଇଁ ପାତ୍ରସାହିର ୪୦ ପରିବାର ରାମିଆଳ ନଦୀ ଉପରେ ନିର୍ଭର କରୁଛନ୍ତି। ସେହିପରି କାଳିଆହତା ପଞ୍ଚାୟତର ରାମଚନ୍ଦ୍ରପୁର ଏବଂ ତିଗିରିଆ ଗାଁରେ ଉକ୍ତ ନଳକୂପ ଅଚଳ ଥିବାରୁ ଲୋକେ ପାଣି ପାଇଁ ବହୁ ଅସୁବିଧାରେ ପଡୁଛନ୍ତି। ସରକାର ତୁରନ୍ତ ଖରାପ ନଳକୂପ ମରାମତି ନେଇ ପଦକ୍ଷେପ ନେଲେ ଲୋକମାନେ ଜଳ ସମସ୍ୟାରୁ ମୁକ୍ତି ପାଇପାରିବେ।

# ବିପଦସଙ୍କୁଳ ଶୁଖିଲା ଗଛ

**କେନ୍ଦୁଝର, ୧୦।୭ (ସ୍ୱ.ପ୍ର.)**

କେନ୍ଦୁଝର ସହର ତେଲକୋଇ ବସ ଷ୍ଟପ୍‌ର ସୌନ୍ଦର୍ଯ୍ୟକରଣ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ହେଁ ଲୋକଙ୍କ ଧନଜୀବନ ପାଇଁ ବିପଦ ସୃଷ୍ଟି କରୁଥିବା ପୁରୁଣା ଶୁଖିଲା ଗଛକୁ କଟାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଏହି ଗଛ କେତେବେଳେ ଖସିଲେ ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରିବା ସହ ନିର୍ମାଣ ହେଉଥିବା କାର୍ଯ୍ୟ ନଷ୍ଟ ହେବ ବୋଲି ମତପ୍ରକାଶ ପାଉଛି। ଏହି ବିପଦଶଙ୍କୁଳ ଅବସ୍ଥାରେ ଥିବା ଗଛ ଉପରେ କାହାରି ନଜର ପଡୁ ନାହିଁ। ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବରୁ ବହୁ ବାର ଏହାକୁ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଏହାକୁ କାଟିବା ପାଇଁ ପଦକ୍ଷେପ ନିଆଯାଇନାହିଁ। ଏଣୁ କାମ ଶେଷ ପୂର୍ବରୁ ଏହାକୁ କାଟିବାକୁ ଦାବି ହେଉଛି।

# ପଥରଖୋଲରେ ମୃତଦେହ

**କପ୍ତିପଦା, ୧୦।୭ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶରତ ଥାନା ଲାଦୁରାସାହି ନିକଟସ୍ଥ ପାହାଡ଼ ଖୋଲରୁ ଏକ ଗଳିତ ମୃତଦେହ ଠାବ ହୋଇଛି। ଶନିବାର ଲାଦୁରାସାହି ଗ୍ରାମ ଜଙ୍ଗଲକୁ ଗ୍ରାମବାସୀ ଯାଇଥିବାବେଳେ ସେଠାରେ ଦୁର୍ଗନ୍ଧ ହେବା ସହିତ ଏକ ପଥର ଖୋଲ ଭିତରେ ମୃତଦେହ ରହିଥିବାର ଦେଖିବାକୁ ପାଇଥିଲେ। ସନ୍ଧ୍ୟାରେ ଶରତ ଥାନାର ଭାରପ୍ରାପ୍ତ ଅଧିକାରୀ ନୀରୋଜ କୁମାର ସାମଲ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ୍ ସୂତ୍ରରୁ ପ୍ରକାଶ। ତେବେ ସନ୍ଧ୍ୟା ହୋଇଯାଇଥିବାରୁ ପଥର ଖୋଲରୁ ମୃତଦେହ ବାହାର କରାଯାଇପାରି ନ ଥିବା ସୂଚନା ମିଳିଛି।

# ହାତୀ ପାଇଁ ରାତି ଉଜାଗର

**ବାରିପଦା ଅଫିସ,୧୦।୭**

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡକୁ ପ୍ରବେଶ କରିଥିବା ଝାଡ଼ଖଣ୍ଡ ହାତୀ ପାଇଁ ଅଞ୍ଚଳବାସୀନ୍ଦା ଭୟଭୀତ ଅବସ୍ଥାରେ ରାତି ଉଜାଗର ରହୁଛନ୍ତି। ହାତୀ ଯେଉଁ ସ୍ଥାନରେ ରହୁଛନ୍ତି ହାତୀର ସୁରକ୍ଷା ପାଇଁ ଆଖପାଖ ଅଞ୍ଚଳରେ ବିଜୁଳି କାଟ କରାଯାଉଛି। ଫଳରେ ଧନଜୀବନକୁ ସୁରକ୍ଷିତ ରଖିବା ପାଇଁ ଲୋକେ ଘର ସମ୍ମୁଖରେ ନିଆଁ ଜାଳି ରାତି ଅନିଦ୍ରା ହୋଇ ଜଗିରହୁଛନ୍ତି। ଶୁକ୍ରବାର ରାତିରେ ହାତୀପଲ ପଶି ମହୁଲିଆସୁଲି, ରାଉତାଳିପାଟ, ତୁଟିସାହି, ପଣସି ଗ୍ରାମରେ ଘର ଭାଙ୍ଗିବା ସହିତ ଧାନ ଚାଉଳ ଖାଇ ନଷ୍ଟ କରିଛନ୍ତି।

ହାତୀକୁ ଘଉଡାଇବା ନିୟମ ନ ଥିବାରୁ ବନବିଭାଗର କର୍ମଚାରୀ ଗତିବିଧି ଉପରେ ନଜର ରଖିଛନ୍ତି। ଦୁଇ ଦିନ ପୂର୍ବରୁ ବିଳମ୍ବିତ ରାତ୍ରିରେ ପଡିଶା ଜିଲା କେନ୍ଦୁଝରରୁ ବୈତରଣୀ ନଦୀ ପାର ହଇ ଏକ ୧୮ ଟିକିଆ ହାତୀପଲ ଆସିବା ଯୋଗୁଁ ଲୋକେ ଏବେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏହି ହାତୀ ଗୁଡିକ ଆଦିପୁର, ସିଲିମାପୋଶି, ପଣିଷି ଗାଁ ଦେଇ ପାର୍ବତୀପୁର ଗାଁରେ ଥିବା ଏକ ଆମ୍ବ ଜଙ୍ଗଲରେ ଦୁଇଦିନ ରହିବା ପରେ ଶନିବାର ପୁଖୁରିଆ ଜଙ୍ଗଲରେ ଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଦିନ ତମାମ ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟାରେ ବାହାରି ଗାଁ ଗଣ୍ଡାରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଦୁଇ ମାସ ବ୍ୟବଧାନ ପରେ ପୁଣି ହାତୀପଲ ଫେରିଥିବାରୁ କରଞ୍ଜିଆ ଉପଖଣ୍ଡର ଜନସାଧାରଣଙ୍କ ଚିନ୍ତା ଏବେ ବଢିଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଗୋଟିଏ ଘର ସମ୍ପୂର୍ଣ୍ଣ ଭାଙ୍ଗିବା ସହିତ ଚାରିଗୋଟି ଘରକୁ ଆଂଶିକ ଭାଙ୍ଗିଛନ୍ତି। ଏହା ସହିତ ବାଡିବଗିଚାରେ ପଶି ଫସଲ ନଷ୍ଟ କରିଛନ୍ତି। କରଞ୍ଜିଆ ବନଖଣ୍ଡ ଅଞ୍ଚଳକୁ ବର୍ଷରେ ଅନେକ ସମୟରେ ଝାଡ଼ଖଣ୍ଡୀ ଓ କେନ୍ଦୁଝରରୁ ହାତୀପଲ ଯିବାଆସିବା ସମୟରେ ଘର ନଷ୍ଟ କରିବା ସହ ହାତୀ ମଣିଷ ଲଢେଇରେ ପ୍ରାଣ ହାନୀ ହେଉଛି।

# କାଶ୍‌ଭି ଖଣିରେ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଯାଞ୍ଚ

**ଯୋଡ଼ା,୧୦।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳର ଜରିବାହାଲ ନିକଟସ୍ଥ କାଶଭି ଖଣିରେ ଷ୍ଟେଟଲେଭଲ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ(ଏସ୍‌ଏଲ୍‌ଇଏସ୍)ର ଯାଞ୍ଚ ହୋଇଛି। ଖଣିର ବିଭିନ୍ନ ଅନିୟମିତତା ନେଇ ଏହିଯାଞ୍ଚ ହୋଇଥିବା ଜଣାପଡ଼ିଛି ।କାଶଭି ଖଣିରେ ଏସ୍‌ଏଲ୍‌ଇଏସ୍, ବିଭିନ୍ନ ଖଣିଜ ଷ୍ଟକୟାର୍ଡ, ଖଣି ସର୍ଫେସରାଇଟ ଅଞ୍ଚଳ, ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ)ର ପ୍ଲାନ ଅନୁଯାୟୀ ଖଣିକାର୍ଯ୍ୟ ଯାଞ୍ଚ, ଖଣିର ଷ୍ଟକୟାର୍ଡରେ ଥିବା ଖଣିଜର ମାନ ପ୍ରଭୃତି ଯାଞ୍ଚ କରିଥିଲା। ଶନିବାର ପୂର୍ବାହ୍ନରେ ଏସ୍‌ଏଲ୍‌ଇଏସ୍‌ର ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀଙ୍କ ନେତୃତ୍ୱରେ ସ୍କ୍ୱାର୍ଡ ଏହି ଯାଞ୍ଚ କରିଛି। ବ୍ୟାପକ ଅନିୟମିତତା କରାଯାଇ ଖଣିକାର୍ଯ୍ୟ ହେଉଥିବା ଅଭିଯୋଗ ପରେ ଏହି ଯାଞ୍ଚ ଖଣି ବିଭାଗ ପକ୍ଷରୁ କରାଯାଇଛି। ଏସମ୍ପର୍କରେ କାଶଭି ଖଣିର ଅଧିକାରୀ ବିଜୟାନନ୍ଦ ଗିରିଙ୍କୁ ପଚାରିବାରୁ ଖଣିରେ କୌଣସି ଅନିୟମିତତା ହୋଇ ନାହିଁ, ଏହା ଏକ ରୁଟିନ ଯାଞ୍ଚ ବୋଲି ସେ କହିଛନ୍ତି।

# ୬ଟଙ୍କାରେ କୋଟିପତି ନିଶା

**୪ ଗିରଫ, ଲଟେରି ଟିକେଟ ଜବତ**

**ବାରିପଦା ଅଫିସ,୧୦।୭**

୬ଟଙ୍କାର ଲଟେରି ଟିକେଟ କିଣି କୋଟିପତି ହେବାର ନିଶାରେ ଲୋକଙ୍କୁ ଠକୁଥିବା ୪ ଅଭିଯୁକ୍ତଙ୍କୁ ବାରିପଦା ଟାଉନ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶୁନଗଡ଼ିଆର କମଳ ଜେନା, ଲାଲବଜାରର ବରୁନ ପରମାଣିକ, ମୁବରକପୁରର ଅଜିତ ଯୁସେନ ଓ ପଶ୍ଚିମ ମେଦିନପୁର ଅଞ୍ଚଳ ମମିନମୁହାଲର ସେକ ଅହମ୍ମଦ ଉଲ୍ଲା। ଏମାନଙ୍କ ନିକଟରୁ ୭ହଜାର ୪୩୦ଟଙ୍କା, ୧୦୦ବିଡ଼ା ଲଟେରୀ ଟିକେଟ ଜବତ କରାଯାଇଛି । ପ୍ରକାଶ ଯେ, ପଶ୍ଚିମବଙ୍ଗରେ ବିକ୍ରି ପାଇଁ ଉର୍ଦ୍ଦିଷ୍ଟ ଲଟେରିକ ଟିକଟ ଗୁଡିକ ସହରର ବାଲେଶ୍ୱର ଗୋଲାଇ, ଷ୍ଟାଡ଼ିୟମ ଗୋଲାଇ, ମୁଖ୍ୟ ମାର୍କେଟ, ବାଘଡ଼ାରୋଡ଼, ପାଲବଣି ଓ ବସଷ୍ଟାଣ୍ଡ ଅଞ୍ଚଳରେ ବିକ୍ରି କରୁଥିଲେ। ତେବେ ଟାଉନ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି ବୋଲି ଟାଉନ ଆଇଆଇସି ବୀରେନ୍ଦ୍ର ସେନାପତି କହିଛନ୍ତି ।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୧ କୋଟିରୁ ଊର୍ଦ୍ଧ୍ୱ ଆଦାୟ

**୩୩୬ ମାମଲାର ସମାଧାନ**

**ବାରିପଦା ଅଫିସ,୧୦।୭**

ମୟୂରଭଞ୍ଜ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ବାରିପଦାରେ ରାଷ୍ଟ୍ରୀୟ ଲୋକଅଦାଲତ ଜିଲା ଦୌରାଜଜ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୩୧୧୧ଟି ମାମଲା ମଧ୍ୟରୁ ୩୩୬ଟିର ଆପୋଷ ବିଚାର ହୋଇ ୧କୋଟି ୭୧ଲକ୍ଷ ୪ହଜାର ୮୪୯ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ସଭାପତି ସଞ୍ଜୟ ରଞ୍ଜନ ବହିଦାର ଅଧ୍ୟକ୍ଷତା କରିଥିଲେ। ପ୍ରି ଲିଟିଗେସନ୍ ସମ୍ବନ୍ଧୀୟ ୨୯୫ଟି ବ୍ୟାଙ୍କ ଋଣ ଆଦାୟ ମାମଲା ଓ ଅନ୍ୟ ବିବାଦୀୟ ଦେୱାନୀ ସମ୍ବନ୍ଧୀୟ ଗୋଟିଏ ମାମଲାର ଫଇସଲା କରାଯାଇ ୪୯,୪୧,୮୪୯ଟଙ୍କା ଆଦାୟ କରାଯାଇଛି।



ଲୋକ ଅଦାଲତରେ ଉପସ୍ଥିତ ବିଚାରପତିଙ୍କ ସହ ଅନ୍ୟମାନେ।

ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ମାମଲା ମଧ୍ୟରେ ଫୌଜଦାରି ୧ଟି, ଏନ୍‌ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୯ଟି ମାମଲା, ବ୍ୟାଙ୍କ ଋଣ ଆଦାୟ ୭ଟି, ଏମ୍‌ଏସିଟି ମାମଲା ୧୧ଟି, ୧୦ଟି ଅନ୍ୟାନ୍ୟ ସିଭିଲ ଓ ୨ଟି ଅପରାଧ ସମେତ ମୋଟ ୪୦ ମାମଲାର ଫଇସଲା କରାଯାଇ ୧କୋଟି ୨୧ଲକ୍ଷ ୬୩ହଜାର ଟଙ୍କା ଆଦାୟ କରାଯାଇଥିଲା। ପ୍ରାଧିକରଣ ସଚିବ ସୌମ୍ୟରୂପ ସାହୁଙ୍କ ତତ୍ତ୍ୱାବଧାନରେ ଜିଲା ଜଜ୍ ପ୍ରଦୀପ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ଜଜ୍ (୧) ଚୌଧୁରୀ ପ୍ରବୀର କୁମାର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପକ ରଞ୍ଜନ ସାହୁ, ରେଜିଷ୍ଟ୍ରାର ସିଭିଲ କୋର୍ଟ ସୁଦିପ କୁମାର ଦାସଙ୍କ ସମେତ ଅନ୍ୟ ଜଜ୍ ଓ ମାଜିଷ୍ଟ୍ରେଟ, ଆଇନଜୀବୀ, ବିଭିନ୍ନ ବ୍ୟାଙ୍କର ଅଧିକାରୀ ଓ ସମ୍ପୃକ୍ତ ବିଭାଗ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

**Short-Term Training Programmes (ONLINE) for Engineering Students at CTTC Kalinga Nagar Ext. Centre, Duburi, Jajpur (Free for SC/ST Students)**

Central Tool Room & Training Centre (CTTC), Bhubaneswar is the leading Tool Room & Training Centre of India to impart skill based training programme in the field of CAD/CAM/CAE/CNC Technology / Hardware and Network Management / VLSI/PLC for Graduate Engineering students.
For the year **2021-2022** we offer courses during **July/August 2021** designed for Mechanical / Production / Automobile / Manufacturing Science / Civil Computer Science / Electrical & Electronics /Electronics & Instrumentation/ Information Technology students.

| Sl. | Branch | Courses | Course Fee | Duration | Starting Date |
|---|---|---|---|---|---|
| 01 | Mechanical Production Automobile or Equivalent | Auto CAD<br>CATIA<br>CREO<br>SOLID WORKS<br>Master CAM | Rs.7,100/-<br>Rs.8,100/-<br>Rs.8,100/-<br>Rs.8,100/-<br>Rs.8,100/- | ONE MONTH | 15.07.2021<br>02.08.2021<br>16.08.2021 |
| 02 | Any Graduate / MBA/ Diploma / Degree Engineers in any Discipline | Computer Hardware & Networking | Rs.5,600/- | | |
| 03 | Electrical & Electronics<br>Electronics & instrumentation<br>Electronics & Telecomm | PLC<br>Electrical CAD | Rs.8,100/-<br>Rs.7,100/- | | |
| 04 | Civil | Auto CAD | Rs.7,100/- | | |

**How to apply :** Download application form from website & send it along with registration fee. Payment can be made online through **State Bank of India collect link** available in our website **www.cttc.gov.in** or a DD of **Rs.1000/-** drawn in favour of **"Central Tool Room & Training Centre"** payable at **Bhubaneswar** for the purpose of registration. This amount will be adjusted against the course fee.
Reservation as per Govt. of India rules. **For SC/ST candidates no fee will be charged** subject to production of two photo copies of self attested Caste Certificate & Aadhaar Card.
Aadhaar Card & Caste Certificate in original from competent authority is to be produced for verification at the time of admission which may be re-verified from the Issuing Authority.
***For Admission contact : 8480154204, 9861112821, 9556024302***

Ministry of MSME Govt. of India

**CENTRAL TOOL ROOM & TRAINING CENTRE**
(KALINGA NAGAR EXTENSION CENTRE)
(Ministry of Micro, Small & Medium Enterprises , Govt. of India)
Common Facility Centre, JCDL Campus, Pankapal,
Bangala chhak,Pin- 755026, Website : www.cttc.gov.in

ISO-9001, ISO-14001 OHSAS 18001

## ଦୁଇ ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ସଜନାଗଡ଼,(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ୧୨ବର୍ଷର ଓ ୧୪ବର୍ଷର ଦୁଇ ନାବାଳିକା ଭଉଣୀଙ୍କୁ ଶୁକ୍ରବାର ଦୁଇଜଣ ଯୁବକ ଅପହରଣ କରିନେଇଥିବା ଶନିବାର ନାବାଳିକାଙ୍କ ମା' ଅଯୋଧା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଦୁଇଜଣ ଯୁବକଙ୍କ ମଧ୍ୟରେ ଜଣେ ସଜନାଗଡ଼ ଓ ଅନ୍ୟ ଜଣେ ପୋଡ଼ାଶୁଳ ଅଞ୍ଚଳର। ନାବାଳିକାଙ୍କ ଜୀବନ ପ୍ରତି ବିପଦ ଥିବା ଅଭିଯୋଗରେ ଦର୍ଶାଯାଇଛି। ଅଯୋଧା ଫାଣ୍ଡି ଅଧିକାରୀ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ମୃତ

**ବସ୍ତା/ରୂପ୍‌ସା, ୧୦।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ବସ୍ତା ବାଇପାସ୍ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁଇଟି ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨ଜଣଙ୍କ ମୃତ୍ୟୁ ହୋଇଛି। ଦୁଇ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କୁଣ୍ଡପୁର ଅଞ୍ଚଳରୁ ଏକ ପଲସର ବାଇକ୍‌ରେ ଦୁଇଜଣ ଏବଂ ସ୍କୁଟିରେ ଦୁଇଜଣ ଆସୁଥିଲେ। ବାଇପାସ୍ ନିକଟରେ ଉଭୟ ବାଇକ୍ ଭରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବସ୍ତା ମେଡ଼ିକାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମୃତ୍ୟୁବରଣ କରିଥିଲେ। ମୃତକଦ୍ୱୟ ହେଲେ ବସ୍ତା ଥାନା ସଦାନନ୍ଦପୁର ଗ୍ରାମର ତାରାକାନ୍ତ ସାହୁ ଓ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା କମରଡ଼ିହା ଗ୍ରାମର ତୁଷାରରଞ୍ଜନ ମହାନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାର ପକ୍ଷରୁ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଥିବା ନେଇ ବସ୍ତା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା (ନଂ. ୨୦୩/୨୧) ରୁଜୁ କରାଯାଇଛି।

### ବିଦ୍ୟାଳୟରୁ ଚୋରି

**ବନ୍ତ,୧୦।୭ (ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ କ୍ଲଷ୍ଟର ଅଧୀନ ଆପ୍ତିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ନେଇ ଶନିବାର ଆଗରପଡ଼ା ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ବିଦ୍ୟାଳୟର କାର୍ଯ୍ୟାଳୟ ତାଲା ଭାଙ୍ଗି ୨ଟି କମ୍ପ୍ୟୁଟର ଚୋରି ହୋଇଥିବା ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପୁହାଣ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ମୋ ଉପକାର ବଗିଚା ପ୍ରଣାଳୀ ତାଲିମ

**ଭଦ୍ରକ ଅଫିସ, ୧୦।୭:** ଭଦ୍ରକ ଜିଲା ଧାମନଗର ବ୍ଲକସ୍ତରୀୟ ମୋ ଉପକାର ବଗିଚା ପାଇଁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଧୂଷୁରୀ ପଞ୍ଚାୟତ ଓଲଟପୁରଠାରେ ମହିଳାମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ମିଶନ ଜରିଆରେ ମହିଳାମାନେ ଘରେ ରୋଷେଇରେ ବ୍ୟବହାର ପାଇଁ ପନିପରିବା ନିଜେ ବଗିଚାରେ ଚାଷ କରି ଉତ୍ପାଦନ କରିବେ। ଏହାଦ୍ୱାରା ପରିବାରର ଆର୍ଥିକ ସମ୍ବଳ ବୃଦ୍ଧି ଏବଂ ନିଜେ ସ୍ୱାବଲମ୍ବୀ ହେବା ଲାଗି ଉକ୍ତ ଯୋଜନାକୁ କିପରି କାର୍ଯ୍ୟକାରୀ କରାଯିବ ସେନେଇ ମହିଳାମାନଙ୍କୁ ତାଲିମ ପ୍ରଦାନ କରଯାଇଥିଲା। ବ୍ଲକର ୩୧ଟି ପଞ୍ଚାୟତରୁ ଏମବିକେ, ସିଆର୍‌ପି ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଓଲଟପୁରଠାରେ ସ୍ୱତନ୍ତ୍ର ଏକ ଚାଷଜମିକୁ ଚାଷ କରାଯାଇ କେଉଁ ପନିପରିବା ମଞ୍ଜି, କିପରି ଓ କେତେ ବ୍ୟବଧାନରେ ରୋପଣ କରାଯିବ, ଏହାକୁ ସୁରକ୍ଷା ପ୍ରଦାନ ପାଇଁ ଖତ ସାର ବ୍ୟବହାର ଇତ୍ୟାଦି ଉପରେ ପରାମର୍ଶ ଦିଆଯାଇଥିଲା। ଜିଲା ଏମ୍‌ଆଇଏସ୍ ପ୍ରଦୀପ ବିଶ୍ୱାଳ, ବିପିଏମ୍ ପୀତବାସ ବିଶ୍ୱାଳ, ବିଏଲ୍‌ସି ଦୀପାଞ୍ଜଳି ରାୟ, ବିଏଲ୍‌ସି ସସ୍ମିତା ରାଣୀ ରାଉଳ ପ୍ରମୁଖ ସଦସ୍ୟାମାନଙ୍କୁ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

### ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ

**ରୂପ୍‌ସା, ୧୦।୭(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅଧୀନ ଶିବ ମନ୍ଦିର ନିକଟ ରାସ୍ତା ପାର୍ଶ୍ୱରୁ ପୋଲିସ ଶୁକ୍ରବାର ରାତିରେ ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ କରିଛି। ମୃତ ମତ୍ସ୍ୟଜୀବୀ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ଇରମ ଗ୍ରାମର ବିଜୟ ବେସ୍ରା (୫୦)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୧) ରୁଜୁ କରି ଶନିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେ ବାହାବଳପୁର ଜେଟିରେ ଏକ ଟ୍ରଲରରେ ମତ୍ସ୍ୟଜୀବୀ ଭାବେ କାମ କରୁଥିଲେ। ରାତିରେ ତାଙ୍କୁ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ଏସ୍‌ଆଇ ହେମନ୍ତ କୁମାର ମାଝି ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଜାରି ରଖିଛନ୍ତି। ମୃତ୍ୟୁର କାରଣ ଜଣାପଡ଼ିନାହିଁ।

### କାଠ ବୋଝେଇ ଭ୍ୟାନ୍ ଜବତ

**ଖଇରା, ୧୦।୭(ଡି.ଏନ.ଏ.):** କୁପାରୀ ବନ ବିଭାଗ ତରଫରୁ ଶନିବାର ଅପରାହ୍ଣରେ ଅମ୍ବିକା ଛକ ନିକଟରୁ କାଠ ବୋଝେଇ ପିକଅପ ଭ୍ୟାନ ଜବତ କରାଯାଇଛି। ସୋର ରେଞ୍ଜର ବବିତା ସୋରେନ ଓ ଫରେଷ୍ଟଗାର୍ଡ ସଞ୍ଜୟ କୁମାର ମହାନ୍ତି ପାଟ୍ରୋଲିଂ କରୁଥିବା ବେଳେ ଏହି ଗାଡି ଉପରେ ନଜର ପଡ଼ିଥିଲା। ଉକ୍ତ ଗାଡିକୁ ଜବତ ପାଇଁ ଅଧିକାରୀ ପହଞ୍ଚିବା ପୂର୍ବରୁ ଡ୍ରାଇଭର ଦୌଡି ପଳାଇଥିଲେ।

# 'ଗୁହାରି ଶୁଣିଲେ ମହାବାହୁ'

## ଚିତ୍ରଶିଳ୍ପୀ ପଦ୍ମନାଭ

**ବନ୍ତ,୧୦।୭(ସ୍ୱ.ପ୍ର.)**

ଏକଦା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରଥରେ ଦର୍ଶନ ବେଳେ 'ମୋତେ ଦୟା କରନ୍ତି, ମୁଁ ବି ତୁମ ମୂର୍ତ୍ତି ଗଢ଼ନ୍ତି' ବୋଲି ଗୁହାରି ଜଣାଇଥିଲେ। ଭାବର ଠାକୁର ସେଦିନ ଭକ୍ତର ଭାବ ବୁଝିଲେ। ତାଙ୍କ ଆଶୀର୍ବାଦରୁ ଦାରୁ ଦିଅଁଙ୍କ ମୂର୍ତ୍ତି ଗଢ଼ିବାର ସୌଭାଗ୍ୟ ମିଳିଛି। ଏ ହେଉଛି ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ନିକଟସ୍ଥ ବିଟିପୁର ଗ୍ରାମର ଯୁବ ଚିତ୍ରଶିଳ୍ପୀ ପଦ୍ମନାଭ ସେଠୀଙ୍କ ମନର କଥା। ତାଙ୍କ ହାତର ସ୍ପର୍ଶ ପାଇ ପଥର ଓ ମାଟି ଦେହରେ ଫୁଟି ଉଠେ ଜୀବନ୍ତ ଛବି। ଚିତ୍ରକଳା ହେଉ କି କାରୁ କଳା ସବୁଥିରେ ସେ ସିଦ୍ଧହସ୍ତ।

ପଦ୍ମନାଭ କହନ୍ତି, ପିଲାବେଳେ ମାଟିରେ ମୂର୍ତ୍ତି ଗଢ଼ିବା ସହ ଚିତ୍ରକଳା ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା। ପରେ ବିଭିନ୍ନ ଦେବଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ଗଢ଼ିବା ଓ ଛବି ଆଙ୍କିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହା ତାଙ୍କର ନିଶାରେ ପରିଣତ ହୋଇଥିଲା। ଭଦ୍ରକ ଚାରୁକଳା ମହାବିଦ୍ୟାଳୟରେ ସ୍ନାତକ ହାସଲ ପରେ ସ୍ୱର୍ଗତ ରବିନାରାୟଣ ନାୟକଙ୍କ ପ୍ରେରଣାରେ ଆଗକୁ ବଢ଼ି ଚାଲିଲେ। ରଥଯାତ୍ରା ପୂର୍ବରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମାଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ନୀତି ନିୟମରେ ରହି ମହାବାହୁଙ୍କ ମୂର୍ତ୍ତିରେ ରଙ୍ଗ ଦେଇଥାନ୍ତି। ଭଦ୍ରକ ଜିଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ କିମ୍ବା ଅନ୍ୟ ଉତ୍ସବରେ ବାଲୁକା କଳାରେ ଜଗନ୍ନାଥ ମହାପ୍ରଭୁଙ୍କ ମୂର୍ତ୍ତି ଗଢ଼ି ସେ ପ୍ରଶଂସିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ବିଭିନ୍ନ ବିଦ୍ୟାଳୟର ପିଲା ଓ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଟେରାକୋଟା ତାଲିମ ପ୍ରଦାନ ସହ ମହାପ୍ରଭୁଙ୍କ ବିଭିନ୍ନ ବେଶ କଳା ମାଧ୍ୟମରେ ପ୍ରଦର୍ଶିତ କରି ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଏସବୁରେ ତାଙ୍କୁ ଆତ୍ମତୃପ୍ତି ମିଳିଥାଏ ବୋଲି ପଦ୍ମନାଭ କହିଛନ୍ତି।



ଜଗନ୍ନାଥଙ୍କ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି ପଦ୍ମନାଭ।

# ମହିଳା ଗୋଷ୍ଠୀଙ୍କଠାରୁ ୫୦ ଲକ୍ଷ ଠକେଇ ଅଭିଯୋଗ

**ସୋର, ୧୦।୭(ଡି.ଏନ.ଏ.)**

ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ମୂଳେଶ୍ୱର ମୌଜାର ଜଣେ ମହିଳା ୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟାଙ୍କଠାରୁ ଅଧିକ ସୁଧ ଦେବା ଲୋଭ ଦେଖାଇ ୫୦ହଜାର ଟଙ୍କା ହଡପ କରିଥିବା ନେଇ ସୋର ଥାନାରେ ଅଭିଯୋଗ କରିଛନ୍ତି। ସେମାନେ ଶନିବାର ସକାଳେ ବିଧାୟକ ପର୍ଶୁରାମ ଧଡାଙ୍କୁ ବାସଭବନରେ ଭେଟି ଅର୍ଥ ଫେରସ୍ତ ନ ପାଇଲେ ଆତ୍ମାହୂତି ଦେବେ ବୋଲି ଚେତାବନୀ ଶୁଣାଇଛନ୍ତି।

ଗ୍ରାମର ରୁବିନା ଖାତୁନ ନାମ୍ନୀ ମହିଳା ବନ୍ଧନ, ଏସ୍‌କେଏସ୍, ସ୍ପନ୍ଦନ, ଜାଗରଣ, ଆଶା ଇଣ୍ଡିଆ ଓ ଜନକଲ୍ୟାଣୀ ସ୍ୱୟଂ ଗୋଷ୍ଠୀ ସଦସ୍ୟାଙ୍କଠାରୁ ଅଧିକ ସୁଧ ମିଳିବା ପ୍ରତିଶ୍ରୁତି ଦେଇ ମାସିକିଆ ଜମା ଟଙ୍କା ଆଦାୟ କରିଥିଲେ। ସେ ୫୦ହଜାରରୁ ଊର୍ଦ୍ଧ୍ୱ ଆଦାୟ ଟଙ୍କା ସମ୍ପୃକ୍ତ ସଂସ୍ଥାରେ ଜମା ନ କରି ହଡପ କରିଥିବା ଜାଣିବା ପରେ ଏହି ସଦସ୍ୟାମାନେ ମହିଳାଙ୍କୁ ଟଙ୍କା ଫେରସ୍ତ କରିବାକୁ କହିବା ପରେ କୌଣସି ସୁଫଳ ମିଳି ନ ଥିଲା। ଏନେଇ ଜମାକାରୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ଥାନା ଅଧିକାରିଣୀ ମଧୁମିତା ମହାନ୍ତିଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଚନ୍ଦ୍ରଶେଖର ମହାନ୍ତି ଘଟଣାର ତଦନ୍ତ କରି ରୁବିନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏବେ କରୋନା କଷଣ ବେଳେ ଜମାକାରୀ ନିଜ କଷ୍ଟ ଉପାର୍ଜିତ ଅର୍ଥ ଫେରସ୍ତ ପାଇବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିବା ବେଳେ ଥାନା ଅଧିକାରିଣୀ ଜାଣିଶୁଣି କୋହଳ ମନୋଭାବ ପୋଷଣ କରୁଥିବା ଜମାକାରୀ ଅଭିଯୋଗ କରିଛନ୍ତି। ଏନେଇ ବିଧାୟକ ପର୍ଶୁରାମ ଧଡାଙ୍କୁ ପଚାରିବାରୁ ଅର୍ଥ ହଡପ ଅଭିଯୋଗର ସତ୍ୟତା ଅଛି। ସ୍ଥାନୀୟ ପୋଲିସ ପ୍ରଶାସନ ଜମାକାରୀଙ୍କ ଅର୍ଥ ଫେରସ୍ତ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍। ଥାନାଧିକାରୀ ମଧୁମିତା ମହାନ୍ତି କହିଛନ୍ତି, ସେହି ମାମଲାର ତଦନ୍ତ ଅବ୍ୟାହତ ଅଛି। ଆବଶ୍ୟକ ହେଲେ ଅର୍ଥହଡପକାରିଣୀଙ୍କୁ ରିମାଣ୍ଡରେ ନେଇ ଏହି ହେରଫେର ଘଟଣାର ତଦନ୍ତକୁ ଅଧିକ ଜୋରଦାର କରାଯିବ। ଟଙ୍କା ନ ପାଇଲେ ଜମାକାରୀ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୂତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ଡୁବଡୁବି ନଦୀରେ ସେତୁ ନିର୍ମାଣ ଅଧାପନ୍ତରିଆ

**ଲଙ୍ଗଳେଶ୍ୱର, ୧୦।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଆଳୁମେଦା ଗ୍ରାମର ସାହୁଘାଟ ନିକଟ ଡୁବଡୁବି ନଦୀରେ ସେତୁ ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଗତ ଦୁଇବର୍ଷ ହେଲା ସେତୁ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଚନ୍ତି।

ଗତ ଦୁଇବର୍ଷ ତଳେ ଏଠାରେ ଠିକାଦାର ପୋଲ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ଉଠିଥିବା ପିଲର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଦବିଯାଇଥିଲା। ସେହି ଦବିଯିବା ପିଲରକୁ ସିଧା କରିବା ପାଇଁ ଦେଢ଼ବର୍ଷ ଚାଲିଗଲା। ପୋଲ କାର୍ଯ୍ୟ ୩ବର୍ଷ ଭିତରେ ଶେଷ କରିବା ପାଇଁ ଚୁକ୍ତିନାମା କରାଯାଇଥିଲା ବେଳେ ୧୦ ପ୍ରତିଶତ ମଧ୍ୟ କାର୍ଯ୍ୟ ହୋଇନାହିଁ। ଆଉ ଏକ ବର୍ଷରେ କେମିତି ସରିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଲେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି ପୋଲକୁ ସମ୍ପୂର୍ଣ୍ଣ କରିବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଠିକାଦାର କାର୍ଯ୍ୟ ପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି।

ଆଳୁମେଦା ପଞ୍ଚାୟତରେ ମଝିରେ ଯାଇଛି ଏହି ନଦୀ। ଏବେ ଯାତାୟାତ ପାଇଁ ପଞ୍ଚାୟତ ତରଫରୁ ଫେରିଘାଟ ନିଲାମ ଦିଆଯାଇଛି। ଏହା ବାଲେଶ୍ୱର ସଦର ମହକୁମାକୁ ଯାତାୟାତ ପାଇଁ ମୁଖ୍ୟ ରାସ୍ତା। ଆଳୁମେଦା ବ୍ୟତୀତ ସାର୍ଥା, କଷାଫଳ, ସାଉଡ଼ି, ବଳଙ୍ଗ, ପଞ୍ଚୁପାଲି ଆଦି ପଞ୍ଚାୟତର ହଜାର ହଜାର ଲୋକ ଏହି ନଦୀ ପାରି ହୋଇଯାନ୍ତି। ପୋଲ କାର୍ଯ୍ୟ ବିଳମ୍ବ ହେଉଥିବାରୁ ଲୋକ ବିପଦସଙ୍କୁଳ ଅବସ୍ଥାରେ ଡଙ୍ଗାରେ ପାରି ହୋଇଥାଆନ୍ତି। ବିଭାଗୀୟ ଯନ୍ତ୍ରୀ ଉମାଶଙ୍କର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରଥମ ପିଲର ଦବିଯିବା ଫଳରେ କାର୍ଯ୍ୟ ବିଳମ୍ବ ହୋଇଛି। ଅଧିକ ବ୍ୟୟବରାଦ ହୋଇପାରେ। ଆଉ ବର୍ଷେ ଭିତରେ କାର୍ଯ୍ୟ ଶେଷ ହୋଇଯିବ।



ସାହୁଘାଟ ନିକଟ ଡୁବଡୁବି ନଦୀରେ ନିର୍ମାଣାଧୀନ ପୋଲ।

## ୩୦ଟନ୍ ଚୋରା କୋଇଲା ଜବତ ଘଟଣା: ମାଷ୍ଟରମାଇଣ୍ଡ ଗିରଫ

**ଭଦ୍ରକ ଅଫିସ, ୧୦।୭**

ଭଦ୍ରକ ଜିଲା ଧୂଷୁରୀ ପୋଲିସ ଶୁକ୍ରବାର ୩୦ ଟନ୍ ଚୋରା କୋଇଲା ଜବତ କରିବା ଘଟଣାରେ ମାଷ୍ଟରମାଇଣ୍ଡ ତିହିଡ଼ିର ଭଗବାନ ଦାସଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ତାଙ୍କଠାରୁ ଚୋରା କୋଇଲା କାରବାର ସମ୍ପର୍କରେ ବହୁ ତଥ୍ୟ ଜାଣିବାକୁ ପାଇଛି। ଏ ନେଇ ଥାନାରେ ମାମଲା (ନଂ. ୧୫୩/୨୧) ରୁଜୁ ହୋଇଛି। ମୋଟ ୭ ଜଣଙ୍କ ନାଁରେ କେଶ୍ ରୁଜୁ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପୋଲିସ ଶୁକ୍ରବାର କୋଇଲା ବୋଝେଇ ଟ୍ରକ୍‌କୁ ଜବତ କରି ଥାନାକୁ ନେବା ସହ ଡ୍ରାଇଭର ଓ ହେଲ୍‌ପରଙ୍କୁ ଗିରଫ କରିଥିଲା।

## ବିଭିନ୍ନ ବ୍ଲକ ଲାଗି ଭାଜପା ମିଡିଆ ସଂଯୋଜକ

**ବାଲେଶ୍ୱର ଅଫିସ,୧୦।୭**

ବାଲେଶ୍ୱର ଜିଲା ଭାଜପା ସଭାପତି ଉମାକାନ୍ତ ମହପାତ୍ରଙ୍କ ଅନୁମୋଦନ ଓ ବିଧାନସଭା କ୍ଷେତ୍ରର ନେତାଙ୍କ ପରାମର୍ଶକ୍ରମେ ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଶନିବାର ତାଙ୍କର ଜିଲା ମିଡ଼ିଆ ଟିମ୍ ଘୋଷଣା କରିଛନ୍ତି। ଜିଲାର ୭ଟି ନିର୍ବାଚନମଣ୍ଡଳୀ ପାଇଁ ଗଣମାଧ୍ୟମ ସଂଯୋଜନାର ଦାୟିତ୍ୱ ଅର୍ପଣ କରାଯାଇଛି। ସୋର ବିଧାନସଭା ନିର୍ବାଚନମଣ୍ଡଳୀ ମିଡ଼ିଆ ସଂଯୋଜକ ଭାବେ ଶ୍ରୀଧର ମହାପାତ୍ରଙ୍କ ସମେତ ଭୋଗରାଇର ସତ୍ୟବ୍ରତ ଜେନା, ବସ୍ତାର ଦିବାକର ରାଉତ, ସିମୁଳିଆର ନିରାକର ପଣ୍ଡା, ରେମୁଣାର ତପନ ଦାସ, ଜଳେଶ୍ୱରର ଗୌର ଗୋପାଳ ଦାସ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସଦର ନିର୍ବାଚନମଣ୍ଡଳୀ ଜିଲା ମୁଖ୍ୟାଳୟରେ ହୋଇଥିବାରୁ ଜିଲା ମିଡ଼ିଆ ସେଲର ମୁଖ୍ୟ ଶ୍ରୀନିବାସ ପ୍ରଧାନ ଏହାର ପରିଚାଳନା କରିବେ ବୋଲି ସ୍ଥିର କରାଯାଇଛି।

# କଂଗ୍ରେସ ପକ୍ଷରୁ ସାଇକେଲ ଶୋଭାଯାତ୍ରା



କଂଗ୍ରେସ ପକ୍ଷରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା।

**ରସାଳପୁର, ୧୦।୭(ଡି.ଏନ.ଏ.)**

ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍, ଖାଇବା ତେଲ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଆକାଶ ଛୁଆଁ ଦରକୁ ବିରୋଧ କରି ବାଲେଶ୍ୱର ସଦର ବ୍ଲକ ଅଧୀନ ଶାସଙ୍ଗ ପଞ୍ଚାୟତ କଂଗ୍ରେସ ତରଫରୁ ଶନିବାର ବାଇଁ ଛକଠାରୁ ନୂଆପୁର ଚଟାଣଛକ ପର୍ଯ୍ୟନ୍ତ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କର୍ମୀମାନେ ସାଇକେଲରେ କଂଗ୍ରେସ ପତାକା ଏବଂ ପ୍ଲାକାର୍ଡ଼ ବାନ୍ଧି ବର୍ଦ୍ଧିତ ଦରଦାମ୍ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ସାଇକେଲ ଶୋଭାଯାତ୍ରା କରିଥିଲେ।

ଅଖିଳ ଭାରତ ଅଣସଙ୍ଗଠିତ ଶ୍ରମିକ କଂଗ୍ରେସର ଜିଲା ଅଧ୍ୟକ୍ଷ ବିକାଶ କୁମାର ଦାସଙ୍କ ଆହ୍ୱାନକ୍ରମେ ଶାସଙ୍ଗ ପଞ୍ଚାୟତର ସଭାପତି ମିଳନ ମଲ୍ଲିକ ଏହାର ନେତୃତ୍ୱ ନେଇଥିଲେ। ଗ୍ରାମପଞ୍ଚାୟତର ବରିଷ୍ଠ ନେତା ରମେଶ କୁମାର ଦାସ, ମହେନ୍ଦ୍ର ମଲ୍ଲିକ, ରଘୁନାଥ ସେଠୀ, ନରହରି ବେହେରା, ବାସୁଦେବ ବେହେରା, ଦେବେନ୍ଦ୍ର ମଲ୍ଲିକ, ଛଚିନ୍ଦ୍ର ଦାସ, ଜଳଧର ଦାସ, ନରେନ୍ଦ୍ର ଦାସ, ଅଖିଳ ଭାରତ ଅଣସଙ୍ଗଠିତ ଶ୍ରମିକ କଂଗ୍ରେସର ରେମୁଣା ବ୍ଲକ ସଂଯୋଜକ ଜୀବନ କୃଷ୍ଣ ବାରିକ, ଚକ୍ରଧର ବେହେରା, ରୋହିତ ଦାସ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଫାଇଲ୍ ତଳେ ଅଭିଯୋଗ ଫର୍ଦ୍ଦ, ଅଭିଯୁକ୍ତ ଫେରାର

## ଚିଟ୍‌ଫଣ୍ଡ ଠକେଇ : ୩କୋଟିରୁ ଊର୍ଦ୍ଧ୍ୱ ଗାଏବ

**ଭୋଗରାଇ, ୧୦।୭(ଡି.ଏନ.ଏ.)**

ଏବେ ବି ସକ୍ରିୟ ରହିଛି ଚିଟ୍‌ଫଣ୍ଡ ସଂସ୍ଥା। ଲୋକେ ଲୋଭନୀୟ ସୁଧ ପାଇଁ ଚିଟ୍‌ଫଣ୍ଡ ସଂସ୍ଥାରେ ଅର୍ଥ ରଖି ସର୍ବହରା ହେଉଥିବା ଅଭିଯୋଗ ହୋଇଛି। ଭୋଗରାଇ ଥାନା ଅଧୀନ ପାଲୁସିଆ ଗ୍ରାମର ଜଣେ ଯୁବକ ୨୦୦୭ରୁ ସାଇ ଗଣେଶ ଯୁବ ସଂଘ ନାମିତ ଏକ ଚିଟ୍‌ଫଣ୍ଡ ସଂସ୍ଥା ଖୋଲି ଆଖପାଖ ୧୧ଗାଁରୁ ୪ଶହରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ଦୁଇ ତିନିଗୁଣ ସୁଧ ଦେବାର ପ୍ରତିଶ୍ରୁତି ଦେଇ ଚତୁରତାର ସହ ଅର୍ଥ ଆଦାୟ କରିଆସୁଥିଲେ। ଲୋକଙ୍କୁ ମାସକୁ କିସ୍ତି ଅନୁସାରେ ଅଧିକ ସୁଧ ଦେବାକୁ ଲୋକଙ୍କ ବିଶ୍ୱାସ ଜନ୍ମାଇଥିଲେ। ଟଙ୍କା କିସ୍ତି ଟର୍ମ ପୂରଣ ହେବା ପରେ ଲୋକେ ତାଙ୍କ ମୂଳଧନର ସୁଧ ପାଇଁ ଦାବି କରିଥିବା ବେଳେ ମାସ ମାସ ଧରି ଟଙ୍କା ଦିଆଯିବ କହି ଲୋକଙ୍କୁ ଭଣ୍ଡାଇ ଚାଲିଥିଲେ ଚିଟ୍‌ଫଣ୍ଡ ସଂସ୍ଥାର ମୁଖ୍ୟ। ଲୋକେ ତାଙ୍କ ଟଙ୍କା ଆଦାୟ ପାଇଁ ଅଡ଼ି ବସିଥିବା ବେଳେ ସେ କୌଶଳକ୍ରମେ ଘରୁ ୩ମାସ ହେଲା ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଯୁବକଙ୍କ ନାମରେ ଭୋଗରାଇ ଥାନାରେ ଅଭିଯୋଗ ହୋଇଛି। ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଥିବା ବହୁ ବ୍ୟକ୍ତି ଅଭିଯୋଗକାରୀଙ୍କ ଘରକୁ ଯାଇ ହୋହଲ୍ଲା କରିଥିବା ବେଳେ ଯୁବକଙ୍କ ସ୍ତ୍ରୀ ଥାନାରେ ଅନ୍ୟ ଏକ ଅଭିଯୋଗ କରିଛନ୍ତି। ଠକାମିର ଶିକାର ହୋଇଥିବା ବହୁ ବ୍ୟକ୍ତି ଟଙ୍କା ଫେରସ୍ତ ଦାବିରେ ଶନିବାର ଏକ ବୈଠକ କରିଥିଲେ। ବୈଠକରେ ୪ଶହ ଅର୍ଥ ଜମାକାରୀଙ୍କଠାରୁ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଚିଟ୍‌ଫଣ୍ଡ ସଂସ୍ଥାର ମୁଖ୍ୟ ଗାଏବ କରିଥିବା ଆକଳନ କରାଯାଇଛି।

# ଅର୍ଥ ତୋସରପାତ ଅଭିଯୋଗ

**ପଦ୍ମପୁର, ୧୦।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିନାୟକପୁର ଅଞ୍ଚଳରେ ଜଣେ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍)ଙ୍କ ନାମରେ ଅର୍ଥ ତୋସରପାତ ନେଇ ଅଭିଯୋଗ ହୋଇଛି। ବିଭିନ୍ନ ସରକାରୀ ଯୋଜନାରେ ଟଙ୍କା ନ ଦେଲେ ବିଲ୍ ହୋଇପାରିବ ନାହିଁ କହି ସମ୍ପୃକ୍ତ ଜିଆର୍‌ଏସ୍ ଜନସାଧାରଣଙ୍କଠାରୁ ଅର୍ଥ ଲୁଟିଥିବା ଦର୍ଶାଯାଇଛି। ଏପରିକି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଷ୍ଟର ରୋଲରେ କାର୍ଯ୍ୟ କରିଥିବା ଶ୍ରମିକ ଲାଞ୍ଚ ନ ଦେବାରୁ ତାଙ୍କର ଅନୁପସ୍ଥିତ କରିଦେଇଛନ୍ତି। ହିତାଧିକାରୀଙ୍କ ବିଲ୍ କରାଇବା ପାଇଁ ତାଙ୍କଠାରୁ ୫ରୁ ୧୦ଟି ବ୍ୟାଙ୍କ ଆକାଉଣ୍ଟ ମାଗୁଛନ୍ତି। ଯାହା ସାଧାରଣ ଲୋକଙ୍କ ପକ୍ଷେ ଏତେ ଆକାଉଣ୍ଟ ନମ୍ବର ଦେବା ସମ୍ଭବ ହୋଇପାରୁନାହିଁ। ଜଣେ ଯନ୍ତ୍ରୀ ତାଙ୍କୁ ସହଯୋଗ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଏ ନେଇ ଗ୍ରାମବାସୀ ବିଡିଓ, ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଗତ ଜୁନ୍ ୨୫ରେ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ଅଭିଯୋଗ ଆସିଛି ଏବଂ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ପ୍ରଶିକ୍ଷଣ ନେଲେ କୃଷିମିତ୍ର

**ପଦ୍ମପୁର, ୧୦।୭(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତରେ ମୋ ଉପକାରୀ ବଗିଚା ଚାରା ଓ ମଞ୍ଜି ରୋପଣ ପାଇଁ କୃଷିମିତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବ୍ଲକ ଅଧୀନ ୧୩ଟି ପଞ୍ଚାୟତର ୩୯ଜଣ କୃଷିମିତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରକାର ପନିପରିବା ଚାଷ ପାଇଁ ମଞ୍ଜି ଗଜା, ଚାରାରୋପଣ, କ୍ଷେତ୍ର ପ୍ରସ୍ତୁତି, ଜୈବିକ ସାର ପ୍ରସ୍ତୁତି ଓ ପ୍ରୟୋଗ ବିଷୟରେ ତାଲିମ ଦିଆଯାଇଥିଲା। ତାଲିମଦାତା ଭାବେ ସଭାପତି ଖାଡ଼ଙ୍ଗା, ଜୀବିକା ମିଶନର ବିପିଏମ୍ ବୀଣାପାଣି ପଣ୍ଡା ଓ ସଂଯୋଜକ ସନ୍ତୋଷ କୁମାର ଜେନା ଯୋଗ ଦେଇଥିଲେ। ଏଲ୍‌ଏସ୍‌ପି ଅମିୟ ମହାପାତ୍ର, ଶଙ୍କର୍ଷଣ ଦାସ, ସନ୍ତୋଷ ଷଡ଼ଙ୍ଗୀ, ଅମିୟ ବାରିକ, ଦୀପ୍ତିପ୍ରକାଶ ରାଉତ, ବସନ୍ତ ଦାସ, ଏମ୍‌ବିକେ ମିନତି ବେରା ପ୍ରମୁଖ ସହଯୋଗ କରିଥିଲେ।



କୃଷିମିତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ଦୁର୍ଦ୍ଦିନରେ ୨୫୦୦ ଶ୍ରମିକ, କର୍ମଚାରୀ

## ୧୯ରୁ ଆନ୍ଦୋଳନ ଚେତାବନୀ

**ବାଲେଶ୍ୱର ଅଫିସ, ୧୦।୭**

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ବାଲେଶ୍ୱର ଆଲଏଜ୍ କାରଖାନା ଗତ ୨୦୨୦ ମେ'ରୁ ଅଦ୍ୟାବଧି ବନ୍ଦ ରହିଛି। ୨ହଜାର ୫ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀ ଆର୍ଥିକ ଅନାଟନରେ ପେଶି ହୋଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ବହୁ ଆନ୍ଦୋଳନ ଓ ଧାରଣା ପରେ ଜିଲା ପ୍ରଶାସନ ଉପସ୍ଥିତିରେ ଗତ ଅକ୍ଟୋବର ଓ ଜାନୁଆରୀରେ କମ୍ପାନୀ ଚାଲୁ କରିବା ପାଇଁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଅଦ୍ୟାବଧି କମ୍ପାନୀ କର୍ତ୍ତୃପକ୍ଷ ବୈଠକର ନିଷ୍ପତ୍ତିକୁ ପାଳନ କରିବାରେ ଅସମର୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଶ୍ରମିକ ଓ କର୍ମଚାରୀମାନଙ୍କର ଆର୍ଥିକ ଅନାଟନ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦରେ ମିଳିତ ଭାବେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଆସନ୍ତା ୧୯ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଲିଖିତ ଚେତାବନୀ ଦେଇଛନ୍ତି।

ବାଲେଶ୍ୱର ଆଲଏଜ୍ କମ୍ପାନୀ କର୍ତ୍ତୃପକ୍ଷଙ୍କ ନାମରେ ମୋଟା ଅଙ୍କର ବିଦ୍ୟୁତ୍ ବିଲ୍ ବାକି ଥିବାରୁ ନେସ୍କୋ କର୍ତ୍ତୃପକ୍ଷ କମ୍ପାନୀର ବିଦ୍ୟୁତ୍ ସଂଯୋଗ ଛିନ୍ନ କରିଥିଲେ। ତହିଁ ପରଠାରୁ ଦୀର୍ଘ ୧୪ମାସ ଧରି କମ୍ପାନୀ ବନ୍ଦ ରହିଛି। ଦରମା ବା ପାଉଣା ଉପରେ ଚଳୁଥିବା ଶ୍ରମିକ ଓ କର୍ମଚାରୀ ଦରମା ନ ପାଇ ପରିବାର ସହ ଭୋକ ଉପାସରେ ସମୟ ବିତାଉଛନ୍ତି। ଆସନ୍ତା ୧୮ ତାରିଖ ସୁଦ୍ଧା କମ୍ପାନୀ ଚାଲୁ କରିବା ଓ ଶ୍ରମିକ କର୍ମଚାରୀଙ୍କ ବକେୟା ଦରମା କମ୍ପାନୀ କର୍ତ୍ତୃପକ୍ଷ ପ୍ରଦାନ ନ କଲେ ୧୯ ତାରିଖରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଆନ୍ଦୋଳନ ହେବ ବୋଲି ଶ୍ରମିକ ପ୍ରଦୀପ୍ତ କୁମାର କର, ଉଜ୍ୱଳ ପଣ୍ଡା, ଶ୍ୟାମସୁନ୍ଦର ନାୟକ, ସନ୍ତୋଷ କୁମାର ବାରିକ, ସୁନୀଲ କୁମାର ଦାଶ, କରୁଣାକର ଖମାରୀ, ଧିରେନ୍ଦ୍ର ନାଥ ବାରିକ, କରୁଣାକର ସେଠି, ରାମଚନ୍ଦ୍ର ବେହେରା, ନରହରି ମହାଳିକ, ଶରତ ଚନ୍ଦ୍ର ମଲ୍ଲିକ, ଅଂଶୁମାନ ମଲ୍ଲିକ, ସୋମନାଥ ବେହେରା ପ୍ରମୁଖ ଉପସ୍ଥିତ ରହି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ର ଏକ ନକଲ ମୁଖ୍ୟମନ୍ତ୍ରୀ, ଶ୍ରମ ମନ୍ତ୍ରୀ, ଜିଲା ଶ୍ରମ ଅଧିକାରୀମାନଙ୍କୁ ପଠାଯାଇଛି।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବାଲେଶ୍ୱର ଆଲଏଜର ଶ୍ରମିକ ଓ କର୍ମଚାରୀ।

